ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 817/03-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୩ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ୫-'ଟି' ସୂତ୍ର ଅଧୀନରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ୧୫ଟି ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରିଛନ୍ତି ଏବଂ ରାଜ୍ୟର କୃଷକ ତଥା ଯୁବକମାନଙ୍କୁ ଆଗେଇ ଆସି କୃଷି ଉଦ୍ୟୋଗୀ ଭାବରେ ଅର୍ଥନୈତିକ ଅଭିବୃଦ୍ଧିରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଛନ୍ତି । ଏହା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ପଞ୍ଜୁରୀ ମାଛ ଚାଷ (କେଜ୍ କଲ୍‌ଚର୍) ପାଇଁ ବିଭିନ୍ନ ଉଦ୍ୟୋଗୀମାନଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର କୃଷି ଉଦ୍ୟୋଗୀମାନଙ୍କୁ ସରକାର ବାର୍ଷିକ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଉଛନ୍ତି । ସେ ପୁଣି କହିଥିଲେ ଯେ ପଞ୍ଜୁରୀ ମାଛଚାଷ (କେଜ୍ କଲଚର) ଜରିଆରେ ରାଜ୍ୟର ବାର୍ଷିକ ମତ୍ସ୍ୟ ଉତ୍ପାଦନ ୧.୨୪ ଲକ୍ଷ ଟନ୍‌କୁ ବୃଦ୍ଧି ପାଇବ ଓ ରାଜ୍ୟରେ ମାଛର ସଂପୂର୍ଣ୍ଣ ଚାହିଦା ପୂରଣ ହୋଇପାରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୯-୨୦ ବର୍ଷରେ ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ୧୯ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ ମଧ୍ୟ କହିଥିଲେ ଯେ ରାଜ୍ୟ ସରକାର ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍ ମାଧ୍ୟମରେ ୧୭୩ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି ଏବଂ ଏହା ଫଳରେ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ପ୍ରୋତ୍ସାହିତ ହେବା ସହିତ ୪୪ ହଜାର କୃଷକ ପ୍ରତ୍ୟକ୍ଷ ଭାବରେ ଉପକୃତ ହେବେ ।

- ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ଶ୍ରୀ ଅରୁଣ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ଆର୍.କେ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ, ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ଶାସନ ସଚିବ ଶ୍ରୀ ଆର୍. ରଘୁପ୍ରସାଦ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନାରୀନେତ୍ରୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ତାଙ୍କ ଯୋଗଦାନରେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓଡ଼ିଶାରେ ବଳିଷ୍ଠ ରୂପ ନେଇଥିଲା ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ପଛୁଆ ବର୍ଗଙ୍କ ଉନ୍ନତି ସହ ସମାଜସଂସ୍କାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସମ୍ବିଧାନ ପ୍ରଣୟନରେ ଏହି ଗାନ୍ଧୀବାଦୀ ନେତାଙ୍କ ନେତୃତ୍ୱ ଏବଂ ଜାତି ନିର୍ମାଣରେ ତାଙ୍କର ଅତୁଳନୀୟ ଅବଦାନ ଚିରସ୍ମରଣୀୟ ରହିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିପ୍ଲବୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଖୁଦିରାମ ବୋଷଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଦେଶର ସ୍ୱାଧୀନତା ପାଇଁ ତାଙ୍କର ବଳିଦାନ ଅବିସ୍ମରଣୀୟ ରହିବ ବୋଲି ଉଲ୍ଲେଖ କରି ତାଙ୍କ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମ ଉତ୍ତରପିଢ଼ିକୁ ପ୍ରେରଣା ଦେଉଥିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଦମ୍ୟ ଉତ୍ସାହକୁ ସମ୍ମାନ ଜଣାଇଛନ୍ତି । ସମାଜର ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାରକୁ ସୁରକ୍ଷା ଦେଇ ସେମାନଙ୍କ ପ୍ରକୃତ ସାମର୍ଥ୍ୟକୁ ଉପଯୋଗ କରିବା ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଏମ୍‌ଡିଏଚ୍ ଦାଦାଜୀ ଭାବେ ଜଣାଶୁଣା ପଦ୍ମଶ୍ରୀ ଧରମ୍‌ପାଲ୍ ଗୁଲାଟି ଜୀଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ଏମ୍‌ଡିଏଚ୍ ମସଲାକୁ ଏକ ପ୍ରମୁଖ ବ୍ରାଣ୍ଡରେ ପରିଣତ କରିଥିବା ଧରମ୍‌ପାଲ୍‌ଜୀ ଭାରତର ଔଦ୍ୟୋଗିକ ଯାତ୍ରାରେ ଏକ ଉଜ୍ଜ୍ୱଳ ତାରକା ଥିଲେ ବୋଲି ଉଲ୍ଲେଖ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଲୋକହିତୈଷୀ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ୬ ଲକ୍ଷ କୋଭିଡ୍-୧୯ ପରୀକ୍ଷଣ ହୋଇଥିବାରୁ ଏବଂ ଗତ ସାଢ଼େ ଚାରିମାସ ମଧ୍ୟରେ ପ୍ରଥମ ଥର ପାଇଁ ସଂକ୍ରମିତଙ୍କ ସଂଖ୍ୟା ୫୦୦୦ରୁ କମ ଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । କୋଭିଡ୍ ମହାମାରୀ ବିରୋଧୀ ସଂଗ୍ରାମରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାବାସୀଙ୍କ ଉତ୍ସାହ, ଶୃଙ୍ଖଳା ଓ ପ୍ରତିବଦ୍ଧତାକୁ ସେ ସମ୍ମାନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ 'ଇଣ୍ଡିଆ ଟୁଡେ'ର ଷ୍ଟେଟ୍ ଅଫ୍ ଦି ଷ୍ଟେଟ୍ ମାନ୍ୟସୂଚୀ ପ୍ରଣୟନରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାରେ ସର୍ବୋତ୍କୃଷ୍ଟ ରାଜ୍ୟ ଏବଂ ବୃହତ ରାଜ୍ୟମାନଙ୍କ ମଧ୍ୟରେ ଭିତ୍ତିଭୂମି ଦୃଷ୍ଟିରୁ ଦ୍ୱିତୀୟ ସର୍ବୋତ୍କୃଷ୍ଟ ରାଜ୍ୟ ଭାବେ ସ୍ଥାନିତ ହୋଇ ଗୌରବ ଅର୍ଜନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟକୁ ସଶକ୍ତ କରିବା ନିମନ୍ତେ କାର୍ଯ୍ୟରତ ସମସ୍ତଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଓଡ଼ିଶା ପୋଲିସ ଦ୍ୱାରା ପ୍ରଦତ୍ତ ଜରୁରୀ ସେବାଗୁଡ଼ିକରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଏକକ ଜରୁରୀକାଳୀନ ନମ୍ବର –୧୧୨ ଘୋଷଣା କରିଛନ୍ତି । ପୂର୍ବରୁ ପ୍ରଚଳିତ ୧୦୦, ୧୦୧, ୧୦୨, ୧୦୮, ୧୪୧ ନମ୍ବରଗୁଡ଼ିକୁ ଏକତ୍ରିତ କରାଯାଇ ଗୋଟିଏ ଜରୁରୀ ନମ୍ବର ଜାରି କରାଯାଇଛି ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ୧୧୨ ନମ୍ବରରେ ଦକ୍ଷ ସେବା ପ୍ରଦାନ ଉଦ୍ଦେଶ୍ୟରେ ପୋଲିସ ବିଭାଗର ୧୦୯୮ଟି ପଦବୀକୁ ଅନୁମୋଦନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୪ ଜଣ ଉପଆରକ୍ଷୀ ଅଧୀକ୍ଷକ, ୧୫୧ ସବ୍‌ଇନିସ୍‌ପେକ୍ଟର, ୨୦୩ ଜଣ ଆସିଷ୍ଟାଣ୍ଟ ସବ୍‌ଇନିସ୍‌ପେକ୍ଟର ଏବଂ ୭୪୦ ଜଣ କନଷ୍ଟେବଳଙ୍କୁ ଏହି କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଇଥିବାବେଳେ ଲୋକଙ୍କ ସେବା ନିମନ୍ତେ ୧୯୮ ଜଣ କଲ ଗ୍ରହଣକାରୀ ଏବଂ ୨୩୬ଟି ଯାନ ନିୟୋଜିତ ହେବ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି ଯେ ଅନେକଗୁଡ଼ିଏ ଜରୁରୀ ସେବା ନମ୍ବରର ଏକତ୍ରିକରଣ ଫଳରେ ଓଡ଼ିଶା ପୋଲିସ ଜନସାଧାରଣଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇ ଦେବା ସହ ବ୍ୟବସ୍ଥା ପ୍ରତି ସେମାନଙ୍କର ଆସ୍ଥାକୁ ଅଧିକ ସୁଦୃଢ଼ କରିପାରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ସମୟରେ ମିଶନ ଶକ୍ତି ମହିଳାମାନେ ଲୋକଙ୍କ ସୁରକ୍ଷା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ନିଜ ଉଦ୍ୟୋଗିତା ଦକ୍ଷତା ପାଇଁ ପୁଣି ଉଦାହରଣ ସୃଷ୍ଟି କରିଛନ୍ତି । ଗତ ୮ ମାସ ମଧ୍ୟରେ ମାସ୍କ ତିଆରି ଦ୍ୱାରା ୭୦ ଲକ୍ଷ ଟଙ୍କାର ବ୍ୟବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାରର ବାଟ ଫିଟାଇପାରିଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ରାଜ୍ୟରେ କୋଭିଡ୍–୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨ରୁ ୩ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୧ଟି ମାମଲା ଦାୟର କରାଯାଇଥିବାବେଳେ ୮ ଜଣ ବ୍ୟକ୍ତିଙ୍କୁ ଗିରଫ, ୫୮୫ ଟି ଗାଡ଼ି ଜବତ ଏବଂ 25,29,740 ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୦,୧୯,୮୫୫ ଟି ନମୁନା କୋଭିଡ୍–୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୦,୦୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୩,୩୯୪ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୫୫ ଜଣ କୋଭିଡ୍–୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୪,୮୧୫ ରହିଛି ।
- ୪,୮୧୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**